● ୩୮ ତମ ଜାତୀୟସ୍ତରୀୟ କନିଷ୍ଠ ନେଟ୍‌ବଲ୍ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାରୁ ୪ ଖେଳାଳି ମନୋନୀତ

ଭଦ୍ରକ,୨୨।୩(ସମିସ): ଶ୍ରୀ ପ୍ୟାରେଜୀ ମହାରାଜ ସ୍ପୋର୍ଟସ ଏକାଡେମୀ, ମୁଜାଫର ବାଦ୍‌ର ଉତ୍ତର ପ୍ରଦେଶରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ କନିଷ୍ଠ ନେଟ୍‌ବଲ୍ ପ୍ରତିଯୋଗିତାଟି ଆସନ୍ତା ୨୩ରୁ ଆରମ୍ଭ ହୋଇ ୨୯ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ନେଟ୍‌ବଲ୍ ସଂଘ ତା'ର ୧୨ ଜଣ ଲେଖାଏଁ ବାଳକ ଓ ବାଳିକା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ବାଳକ ବିଭାଗରେ ଧର୍ମେସ ନାରାୟଣ ସାହୁ ଓ ଡି.ପି. ଅସ୍ମିତ୍ କୁମାର



ଏବଂ ବାଳିକା ବିଭାଗରେ ପଦ୍ମଜା ପ୍ରିୟଦର୍ଶିନୀ ଦାଶ୍ ଓ ଜିସ୍ମୟୀ ନାୟକ ସ୍ଥାନ ପାଇଛନ୍ତି। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ନେଟ୍‌ବଲ୍ ସଂଘର ସମ୍ପାଦକ ମନୋଜ ସାହୁ, ସଭାପତି ତନ୍ମୟ ମହାନ୍ତି, କୋଷାଧ୍ୟକ୍ଷ, ବିଶ୍ୱାମିତ୍ର ବେହେରା ପ୍ରମୁଖ, ସମସ୍ତ ସଦସ୍ୟ ଓ ବରିଷ୍ଠ ଖେଳାଳିମାନେ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି।

● ଶ୍ରୀରାମ ନବମୀ ମହୋତ୍ସବ

## ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା

ଭଦ୍ରକ,୨୨।୩(ସମିସ): ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ଶତାଧିକ ସ୍କୁଲ ପିଲାଙ୍କୁ ନେଇ ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ଏହି ସାଇକଲ ଶୋଭାଯାତ୍ରାଟି ସକାଳ ୭ଟାରେ ଗାନ୍ଧୀ ପଡ଼ିଆରୁ ଆରମ୍ଭ ହୋଇ ସମଗ୍ର ସହର ପରିକ୍ରମା କରିଥିଲା। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପସଭାପତି ତ୍ରିଲୋଚନ ନାୟକ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ତୁଷାର ଦାସ, ସ୍ୱରୂପାନନ୍ଦ ମହାପାତ୍ର ଶ୍ରୀଫଳ ବାଡ଼େଇ ଗୈରିକ ପତାକା ଦେଖାଇ ସାଇକଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ହଜାର ହଜାର ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜୟ ଶ୍ରୀରାମ,



ବନ୍ଦେ ମାତରଂ, ଭାରତ ମାତା କୀ ଜୟ ଧ୍ୱନିରେ ସମଗ୍ର ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଯୁବ ବର୍ଗଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ମାତୃଭୂମୀ ଏବଂ ପ୍ରଭୁ ଶ୍ରୀରାମଙ୍କ ପ୍ରତି ସେବା, ତ୍ୟାଗ ଓ ସମର୍ପଣ ଭାବନା ନେଇ ଏହି ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ସାଇକଲ ଶୋଭାଯାତ୍ରାର ସଂଯୋଜକ ବସନ୍ତ କୁମାର ରାଉତ, ଶ୍ରୀରାମ ମହାଯଜ୍ଞ ସମିତିର ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ଅଭିମନ୍ୟୁ ସାହୁ, ପ୍ରେମାନନ୍ଦ ବେହେରା, ଅପୂର୍ବ ବେହେରା, ବିଜୟ ଦାଶ, ଟୁକୁନା ସ୍ୱାଇଁ, ସଞ୍ଜୀବ ମହାନ୍ତି, ବିଶ୍ୱଜିତ୍ ବଳ, ବ୍ୟୋମକେଶ ମହାନ୍ତି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଭଦ୍ରକରେ ହ୍ୟାପି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ

ଭଦ୍ରକ,୨୨।୩(ସମିସ): ମୁମ୍ବଇର ଖ୍ୟାତି ସମ୍ପନ୍ନ ଡ. ସଚିନ୍ ପରବଙ୍କ ଦ୍ୱାରା ୩ ଦିନ ଧରି ଭଦ୍ରକର ବିଭିନ୍ନ ସ୍ଥାନରେ ଯଥା- ଶୁଭମ୍ ନର୍ସିଂ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନ୍ୟୁ



ଲାଇଫ୍ ନିଶା ନିବାରଣ କେନ୍ଦ୍ର, ଟାଉନ ହଲ୍ ତଥା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଚରମ୍ପା ଓ ଭଦ୍ରକରେ ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଟାଉନ ହଲ୍‌ଠାରେ "ହ୍ୟାପି' ପ୍ରୋଗ୍ରାମର ଶୁଭ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଚିକିତ୍ସକ ଡା. ସୁଧୀର ରଞ୍ଜନ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା ଯୋଗଦେଇଥିଲେ। ଡା. ସଚିନ୍ ହ୍ୟାପି ପ୍ରୋଗ୍ରାମର ଉଦ୍‌ଘାଟନ ଅବସରରେ ତାଙ୍କ ବକ୍ତବ୍ୟରେ କହିଥିଲେ ଖୁସି ରହିବା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ଆବଶ୍ୟକ। ନିଜକୁ ଅନ୍ୟ ସହ ତୁଳନା କରିବା ଦ୍ୱାରା ନିଜର ଖୁସି କମ୍ ହୋଇଥାଏ। ନିଜର ତଥା ଅନ୍ୟର ବିଶେଷତାକୁ ଅନୁଭବ କଲେ ଖୁସି ବଢ଼ିଥାଏ। ପ୍ରତିଦିନ କିଛି ବ୍ୟାୟାମ, ପ୍ରାଣାୟାମ ଏବଂ ଯୋଗ କରିବା ଦ୍ୱାରା ନିଜର ଖୁସି ବଢ଼ିଥାଏ। ବ୍ରହ୍ମାକୁମାରୀ ଭଦ୍ରକର ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ସମସ୍ତେ ଖୁସି, ଶାନ୍ତିରେ ରହିବା ପାଇଁ ପ୍ରତି ମୁହୂର୍ତ୍ତରେ ପରମାତ୍ମାଙ୍କୁ ସ୍ମରଣ କରିବା ପାଇଁ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମର ପରିଚାଳନା ବ୍ରହ୍ମାକୁମାରୀ ମଧୁସ୍ମିତା ଭଉଣୀ କରିଥିଲେ। ବ୍ରହ୍ମାକୁମାରୀ ନୀର୍ଲିପ୍ତା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ବ୍ରହ୍ମାକୁମାର ସୌଭାଗ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଟେଣ୍ଡର ଫିକ୍ସିଂ

# ସ୍ୱଚ୍ଛତା ସେବା ସଂସ୍ଥା ନିଯୁକ୍ତିରେ ହେର୍‌ଫେର୍ ଆଶଙ୍କା

ଯାଜପୁର,୨୨।୩(ସମିସ)

ଯାଜପୁର ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ସେବା ଯୋଗାଇ ଦେବା ପାଇଁ ଆଉଟ୍ ସୋର୍ସିଂ ସଂସ୍ଥା ଚୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ ଏବଂ ପିଏଚଓ) ପକ୍ଷରୁ ଆହୁତ ଟେଣ୍ଡର ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଏକ ସଂସ୍ଥାକୁ ନିଯୁକ୍ତି ଦେବାର ଉଦ୍ଦେଶ୍ୟ ରଖି ଏଥିରେ ବ୍ୟାପକ ଅନିୟମିତତା ତଥା ପ୍ରିୟାପ୍ରୀତି ତୋଷଣ ଉଦ୍ୟମ ହେଉଥିବା ନେଇ ପୁଣି ଏକ ଅଭିଯୋଗ ଆସିଛି। ଉଲ୍ଲେଖଯୋଗ୍ୟ ଯେ ଏଥିପୂର୍ବରୁ ମଧ ଏହି କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାପତ୍ତା ରକ୍ଷୀ ନିଯୁକ୍ତି ନିମନ୍ତେ ଆଉଟ୍ ସୋର୍ସିଂ ସଂସ୍ଥା ଚୟନ ପାଇଁ ଆହୁତ ଟେଣ୍ଡର ପ୍ରକ୍ରିୟାରେ ସମାନ ପ୍ରକାର ଅନିୟମିତତା କରିବାକୁ ହେଉଥିବା ଉଦ୍ୟମ ନେଇ ଗତ ଫେବୃୟାରୀ ୨୬ତାରିଖରେ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଉକ୍ତ ଟେଣ୍ଡର ପ୍ରକ୍ରିୟାକୁ ସ୍ଥଗିତ କରି ରଖାଯାଇଛି।

ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ସେବା ଯୋଗାଇ ଦେବା ପାଇଁ ଆଉଟ୍ ସୋର୍ସିଂ ସଂସ୍ଥା ଚୟନ ପାଇଁ ସିଡିଏମଓ ଏବଂ ପିଏଚଓ କାର୍ଯ୍ୟାଳୟ ପକ୍ଷରୁ ଯେଉଁ ଟେଣ୍ଡର (ସଂଖ୍ୟା ୧୧୮୫/ ୧୯-୦୨-୨୦୨୬) ଆହ୍ୱାନ କରାଯାଇଥିଲା, ସେଥିପାଇଁ ଏକାଧିକ ସଂସ୍ଥା ଆବେଦନ କରିଥିଲେ। ଯେଉଁଥିରୁ ତିନି ଗୋଟି ସଂସ୍ଥା ଆବଶ୍ୟକ ଯୋଗ୍ୟତା ବହନ କରୁଥିବାରୁ ସେମାନଙ୍କୁ ସର୍ଟଲିଷ୍ଟ କରାଯାଇଥିଲା। ମାତ୍ର ସେଥିରୁ ଯେଉଁ ଦୁଇ ଗୋଟି ଅଭିଜ୍ଞତା ସମ୍ପନ୍ନ ଏବଂ ସମ୍ପୃକ୍ତ ରହିଛନ୍ତି ସେମାନଙ୍କୁ କୌଣସି ମତେ ବାଦ ଦେଇ ଅତୀତରେ ଯେଉଁ ସଂସ୍ଥା ଏହି ଯାଜପୁର ଜିଲ୍ଲାରେ ହିଁ ଆଉଟ୍ ସୋର୍ସିଂ ମାଧ୍ୟମରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା କର୍ମଚାରୀ ନିଯୁକ୍ତି ଦେଇ ବିଭିନ୍ନ ଅନିୟମିତ ଓ ବେଆଇନ କାର୍ଯ୍ୟ କରିଥିବାର ପ୍ରମାଣ ରହିଛି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଭାବିତ କରି ତାଙ୍କ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀ ଉକ୍ତ ସଂସ୍ଥାକୁ ଏବେ ଚୟନ କରିବା ପାଇଁ ଅଣ୍ଟାଭିଡ଼ି ଲାଗି ପଡ଼ିଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ମା' ବିରଜା ଟ୍ରେଡ଼ର୍ସ ନାମକ ସଂସ୍ଥାକୁ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଉଟ୍ ସୋର୍ସିଂ ମାଧ୍ୟମରେ ସ୍ୱଚ୍ଛତା କର୍ମଚାରୀ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା। କିନ୍ତୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ୫ ଜଣ ସ୍ୱଚ୍ଛତା କର୍ମଚାରୀଙ୍କର ଇପିଏଫ୍ ଅର୍ଥ ରାଶି ଜମା ନ କରି ହଡ଼ପ କରିଥିବା ନେଇ ଉକ୍ତ ସଂସ୍ଥା ବିରୁଦ୍ଧରେ ଉକ୍ତ ସ୍ୱଚ୍ଛତା କର୍ମଚାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା ଏବଂ ସେହି ଆଧାରରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଉକ୍ତ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ସୁପାରିଶ (ଚିଠି ସଂଖ୍ୟା ୧୨୫/୧-୩-୨୦୨୫) କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଧରାଧରି କରି ଅଭିଯୋଗକୁ ଚପାଇ ଦେବାରେ କୁଆଡେ ସଫଳ ହୋଇଥିଲେ ବୋଲି କୁହାଯାଉଛି। ତେବେ ସେହିଭଳି ବେଆଇନ କାର୍ଯ୍ୟ କରି ଆସିଥିବା ସଂସ୍ଥାକୁ କାହା ସ୍ୱାର୍ଥରେ ପୁଣି ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ସେବା ଯୋଗାଇ ଦେବା ପାଇଁ ନିଯୁକ୍ତି ଦେବାକୁ ଉଦ୍ୟମ ଆରମ୍ଭ ହେଉଛି ତାହା ହିଁ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଏବଂ ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେଇ ସ୍ୱଚ୍ଛତାର ସହ ସ୍ୱଚ୍ଛତା ସେବା ଯୋଗାଇ ଦେବା ପାଇଁ ନିଯୁକ୍ତି ଦେବାକୁ କୌଣସି ଯୋଗ୍ୟ ଆଉଟ୍ ସୋର୍ସିଂ ସଂସ୍ଥା ଚୟନ କରିବା ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

● କିଣିଲେ ୨୫, ପାଇଲେ ୫୦ ଡେସିମିଲର ପଟ୍ଟା

## ସଂଶୋଧନ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଅଂଶଧାରୀ

ଦଶରଥପୁର,୨୨।୩ (ସମିସ): ସରକାରଙ୍କ କଡ଼ା ନିର୍ଦ୍ଦେଶ ଏକ ସପ୍ତାହରେ ହେବ ଲୋକଙ୍କ ଜମିବାଡ଼ି ସମାଧାନ। ହେଲେ ବାସ୍ତବ ଚିତ୍ର କିଛି ଅଲଗା। ଲୋକ ଜମିବାଡ଼ି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ ଦଶରଥପୁର ତହସିଲ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ ଏହାର କୌଣସି ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି ତହସିଲ ଅଧୀନ ନୀଳକଣ୍ଠପୁର ମୌଜା ଖାତା ନମ୍ବର ୨୩୮ ରେ କମଳା ପାଣିଗ୍ରାହୀ ତାଙ୍କ ଭାଗ ୨୫ ଡେସିବିଲ ୨୦୧୬ ମସିହାରେ ବିକ୍ରି କରିଥିଲେ। ମାତ୍ର ଏହା କୌଣସି ତ୍ରୁଟି ପାଇଁ ୨୫ ବଦଳରେ କ୍ରେତା ସାବିତ୍ରୀ ପାଣିଗ୍ରାହୀ ୫୦ ଡେସିବିଲ ପଟ୍ଟା ଦେଇଛନ୍ତି ତତ୍କାଳୀନ ତହସିଲଦାର। ଏ ସମ୍ପର୍କରେ ୨ ମାସ ହେବ ସଂଶୋଧନ ପାଇଁ ଆବେଦନ କରିଥିଲେ ମଧ ବାରମ୍ବାର ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଏଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ ହୋଇଛି। ସେହିପରି ଚାମ୍ପେଇପାଳ ଗ୍ରାମର ବିଶ୍ୱଜିତ ସାହୁ, ପାଳଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ପ୍ରମୋଦ ରାଉତ ଙ୍କ ଜମି ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ବାରମ୍ବାର ଦୌଡ଼ିଲେ ମଧ ସମାଧାନ ପାଇଁ ତହସିଲଦାର ଶୁଣୁନଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ଦଶରଥପୁର ବ୍ଲକର ମୋଟ ୩୫ଟି ପଞ୍ଚାୟତରେ ଜମିବାଡ଼ି ସଂକ୍ରାନ୍ତୀୟ ମାମଲା ପ୍ରାୟ ୭୪୫ରୁ ଅଧିକ ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁଙ୍କ ପାଖରେ ପଡ଼ିରହିଛି। ମାତ୍ର ସମାଧାନ ହେଉନାହିଁ। କିନ୍ତୁ ବର୍ତ୍ତମାନର ସରକାର ଜମିବାଡ଼ି ସଂକ୍ରାନ୍ତିୟ ସମସ୍ୟା ପାଇଁ ଏକ ସପ୍ତାହ ମଧ୍ୟରେ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ଏଠାରେ ଏହି ନିୟମକୁ ଖୋଦ ତହସିଲଦାର ମାନୁନଥିବା ଅଭିଯୋଗ ହୋଇଛି। ଯାହା ତଦନ୍ତ ସାପେକ୍ଷ। ଏ ବିଷୟରେ ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁଙ୍କୁ ପଚାରିବାରେ ଅଭିଯୋଗକାରୀ ମାନଙ୍କୁ କାର୍ଯ୍ୟାଳୟ ପଠାନ୍ତୁ କଣ ସମସ୍ୟା ହୋଇଛି ଦେଖିବି। ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠେ ତହସିଲଦାରଙ୍କ ନିକଟକୁ ଆସୁଥିବା ମାମଲା କ'ଣ ଦେଖୁନାହାନ୍ତି ତହସିଲଦାର। ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୀର୍ଘ ଦିନ ହେବ ପଡିରହିଥିବା ଲୋକଙ୍କ ସମସ୍ୟା ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

## 'ସକାଳ' ପ୍ରଭାବ: ମରାମତି ହେଲା ବିଦ୍ୟୁତ୍ ସବ୍‌ଷ୍ଟେସନ

ବନ୍ତ/ଆଗରପଡ଼ା,୨୨।୩(ସମିସ): ଗତ ଜାନୁଆରୀ ୧୮ ତାରିଖରେ 'ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର; ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ବନ୍ତ ବ୍ଲକ୍ ମଙ୍ଗଲିସ୍ଥିତ ବ୍ରାହ୍ମଣସାହିରେ ବିପଦସଙ୍କୁଳ



ଅବସ୍ଥାରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ଟିର ମରାମତି କରାଯାଇଥିବା ଜଣାପଡ଼ିଛି। ବନ୍ତ ବ୍ଲକ ମଙ୍ଗୁଳିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟିରେ ଏହା ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଥିଲା। ଏହାର ଏୟାର ବ୍ରେକ୍ ସୁଇଚ୍ ଠିକ ଭାବେ କାର୍ଯ୍ୟ କରୁ ନ ଥିଲା। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଆସୁଥିଲେ। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟି ବସାଇବା ସହ ଏବି ସୁଇଚ୍ ମରାମତି କରିବା ଲାଗି ଗ୍ରାମର ନାରାୟଣ ଦାସ, ସୁଶାନ୍ତ କୁମାର ପତି, ପ୍ରଶାନ୍ତ ପତି, ଚନ୍ଦନ ପତି, ଆନନ୍ଦ କର, ବିନୋଦ କର, ବିଙ୍ଗ ପତି, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ପରିଚାଳକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ୩ ମାସରୁ ଅଧିକ ସମୟ ବିତିଯିବା ପରେ ମଧ ବିଭାଗ ପକ୍ଷରୁ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ଇଦ୍‌ରେ ଏମ୍‌ଏନ୍ ଗ୍ରୁପ୍ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ

ଧାମନଗର,୨୨।୩(ସମିସ): ଧାମନଗରଠାରେ ଏମ୍‌ଏନ୍ ଗ୍ରୁପ୍ ଏବଂ ହବିବି କମିଟି ଆନୁକୂଲ୍ୟରେ ପବିତ୍ର ଇଦ୍ ପର୍ବ ମହାଆଡ଼ମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମିଠା ଏବଂ ସରବତ ବଣ୍ଟନ କରାଯାଇଛି। ପୀରବାବାଙ୍କ ନାତୁଣୀ ଜ୍ୱାଇଁ ଏମ୍‌ଡି ଫଜଲେ ବାରିଙ୍କ ନେତୃତ୍ୱରେ ଖାନକା ସରିଫ୍ ଗେଟ୍ ସମ୍ମୁଖରେ ଗ୍ରୁପ୍‌ର ମୁଖ୍ୟ ସଦସ୍ୟ ଏମ୍‌ଡି ଜୟନୁଲ ଆବେଦ୍ଦିନ, ସେକ୍ ହଲିମ, ସେକ୍ ହୋସେନ, ମୀର୍ ନୁରୁଲ ଇସ୍‌ଲାମ, ମୀର୍ ଫାରୁକ, ସେକ୍ ସାହିଲ, ସେକ୍ ଇସ୍‌ଲାମୁଦ୍ଦିନ, ମୀର ମୁରତୁଜା, ସେକ୍ ମୋହିଉଦ୍ଦିନ, ମୀର୍ ନୁରମହମ୍ମଦ, ସେକ୍ ଅବ୍‌ଦୁଲ କାଦୀର, ମୀର୍ ଖୁରସିଦ, ସେକ୍ ସିରାଜ, ସେକ୍ ମାଙ୍ଗୋ, ସେକ୍ ହାତୀ, ସେକ୍ ପପ୍ପୁ, ସେକ୍ ସଦାମ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳରୁ ଆସିଥିବା ବାବାଙ୍କ ଭକ୍ତ ଶ୍ରଦ୍ଧାଳୁ ପ୍ରମୁଖଙ୍କୁ ଇଦ୍ ମୁବାରାକ୍ ଜଣାଇବା ସହ ମିଠା ବଣ୍ଟନ କରାଯାଇଥିଲା। ପରେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ସୁବ୍ରଜିତ ଦାଶଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇବା ସହିତ ମିଠା ପ୍ରଦାନ କରାଯାଇଛି।

## ଦୁଇ ମହିଳା ସମେତ ୪ ମଦ ବେପାରୀ ଗିରଫ

ନୀଳଗିରି,୨୨।୩(ସମିସ): ନୀଳଗିରି ଅଞ୍ଚଳରେ ନିଶାକାରବାର ବଢ଼ିଚାଲିଥିବା ବେଳେ ନିଶାଡ଼ି ଓ ମଦୁଆଙ୍କ ପ୍ରାଦୁର୍ଭାବ ବୃଦ୍ଧିପାଇଛି। ମାତ୍ର ନୀଳଗିରି ଅବକାରୀ ବିଭାଗ ସ୍ଥାଣୁ ପାଲଟିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ନୀଳଗିରି ଅଞ୍ଚଳରେ କାଁ ଭାଁ ଛୋଟକାଟିଆ ମଦ ଏବଂ ଗଞ୍ଜେଇ ଆଦି ବେପାରୀଙ୍କୁ ଧରି ବଡ଼ବଡିଆ ବେପାରୀଙ୍କଠାରୁ ବିପୁଳ ପରିମାଣର ହାତଗୁଞ୍ଜା ନେଇ ଚୁପ୍ ରହୁଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। କିଛିଦିନ ପୂର୍ବରୁ ସଜନାଗଡ଼ ଅଞ୍ଚଳର ଏକ ହୋଟେଲରେ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଚୋରା ଗ୍ୟାସ ଟାଙ୍କି ରଖିଥିବା ଅଭିଯୋଗରେ ଚଢ଼ଉ କରିଥିଲେ। ପରେ ପୁଲିସ ଓ ଅବକାରୀ ବିଭାଗର ସହାୟତାରେ ଉକ୍ତ ହୋଟେଲରୁ ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ଜବତ କରାଯାଇଥିଲା। ଆଜି ନୀଳଗିରି ଅବକାରୀ ସୀମା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବାଲେଶ୍ୱର ଭ୍ରାମ୍ୟମାଣ ୟୁନିଟ୍ ଦ୍ୱାରା ଚଢ଼ଉକରି ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୨ଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଏବଂ ନୀଳଗିରି ଅବକାରୀ ବିଭାଗର ଏହି ମିଳିତ ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ମିତ୍ରପୁର ଅଞ୍ଚଳର ରାଜେନ୍ଦ୍ର ସିଂ, କୁଅଁରପୁର ମହଲାର ସନ୍ତୋଷ ବେହେରା, ଜାମ୍ବୁବଣି ଗ୍ରାମର ମୀନତି ସିଂ ଏବଂ ଅଯୋଧ୍ୟା ଗୋପାଳପୁର ଗ୍ରାମର



ବିପୁଳ ପରିମାଣର ମଦ ଓ ପୋଚନଷ୍ଟ

ରୀନା ସିଂଙ୍କୁ ଗିରଫ କରିଥିବାବେଳେ ଗୋପାଳପୁର ଗ୍ରାମର ବୀରଭଦ୍ର ସିଂ ଓ ରବୀନ୍ଦ୍ର ସିଂ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ମଦବେପାରୀଙ୍କ ନିକଟରୁ ୪୩୫ ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ପ୍ରାୟ ୨୭୫୦ଲିଟର ପୋଚ ନଷ୍ଟକରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୪ହଜାର ୫ଶହ ହେବବୋଲି ଜଣାଯାଇଛି। ଏହି ଚଢ଼ଉରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀବିଭାଗ ଇନ୍ସପେକ୍ଟର ହରିହର ସିଂ, ସବ୍‌ଇନ୍ସପେକ୍ଟର ଭବେଶ ଦାସ, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଲମ୍ବୋଦର ମହାନ୍ତ, କନେଷ୍ଟବଳ ସୁନାରାମ ମୁର୍ମୁ, ନାହାନ ମୁର୍ମୁ, ସୁବିରକାନ୍ତ ବେହେରା ପ୍ରମୁଖ ସାମିଲଥିଲେ।

## ଶାଳ କାଠ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

ନିଳଗିରି,୨୨।୩(ସମିସ): କୁଲଡ଼ିହା ରେଞ୍ଜର ସୁବ୍ରତ କୁମାର ବେହେରା ଏକ ଶାଳ କାଠ ଭର୍ତ୍ତି ପିକଅପ୍ ଗାଡ଼ି ଯାଉଥିବାର ବିଶେଷ ସୂତ୍ରରୁ ଖବର ପାଇଥିଲେ। ଖବର ପାଇ ସଦଳବଳ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିବା ସହ ଶାଳ କାଠ ଭର୍ତ୍ତି ଗାଡ଼ିକୁ ଜବତ କରିଛନ୍ତି। ବାବୁ ନାୟକ ଓ ଜିତେନ୍ଦ୍ର ମଥାନ ଗିରଫ ହୋଇଥିବା ବେଳେ ୭୮ସିଫ୍ଟ ଶାଳ କାଠ ଜବତ କରାଯାଇଛି। ଏ ନେଇ ବନବିଭାଗ ପକ୍ଷରୁ ୧୮କେ/୨୦୨୫-୨୬ଏକ ମାମଲା ରୁଜୁ କରାଯାଇଛି। ଦୁଇ



ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌ହାଜତ କୁ ପଠାଇ ଦିଆଯାଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୨୨।୩(ସମିସ): ସମାଜସେବୀ ତଥା ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ସୁଖଲତା ରାଉତଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବିଧାୟକ ମାଧବ ଧଡ଼ା, ପ୍ରଫେସର ଡ. ରମାକାନ୍ତ ବେହେରା, ବିଶିଷ୍ଟ କବି ସୁକୁମାର ଦାସ, ପ୍ରଫେସର ନେତ୍ରାନନ୍ଦ ରାଉତ, ପଦ୍ମଲୋଚନ ଦ୍ୱିବେଦୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ, ଗ୍ରାମବାସୀ ତାଙ୍କୁ ଶେଷ ଦର୍ଶନ କରିଥିଲେ। ପ୍ରଫେସର ଡ. ଗଣପତି ଜେନାଙ୍କ ସହଧର୍ମିଣୀ ଥିଲେ। ସ୍ୱାମୀ ପ୍ରାକ୍ତନ ଅଧ୍ୟକ୍ଷ ଏବଂ ସ୍ତ୍ରୀ ପ୍ରଧାନ ଶିକ୍ଷୟିତ୍ରୀ ଥାଇ ବହୁ ଅନାଥ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାରେ ଆର୍ଥିକ ସହଯୋଗ କରି ନିଜ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତିଗତ ଶେଷଦର୍ଶନ କରିଥିଲେ।

## ନିଶା ନିବାରଣ ଓ ସଚେତନତା କାର୍ଯ୍ୟକ୍ରମ

ଅସୁରାଳି,୨୨।୩(ସମିସ): ପାଳସାହି ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିବସ ବ୍ୟାପୀ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଛି। ଶନିବାର ଶିବିରର ୫ମ ଦିବସରେ ସକାଳର ଶାରୀରିକ ଶିକ୍ଷା ଓ ଯୋଗ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ନିକଟସ୍ଥ ପାଳସାହି ଓ ବେତାଳିଗାଁରେ ସଫେଇ କାର୍ଯ୍ୟକ୍ରମ ସହିତ ନିଶା ନିବାରଣ, ସଡ଼କ ସୁରକ୍ଷା ଓ ସାଇବର ଅପରାଧ ଉପରେ ସଚେତନତା ଆପଣେଇବାକୁ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇଥିଲେ। ଅପରାହ୍ଣରେ ଏକ ନିଶା ନିବାରଣ ସଚେତନତା, ସଡ଼କ ସୁରକ୍ଷା ଓ ସାଇବର ଅପରାଧ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ସମାଜସେବୀ ଆଲୋକ କାନୁନ୍‌ଗୋ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ତଥା ରାଜ୍ୟ ନିଶା ନିବାରଣ ସଂଗଠନ ସଭାପତି ସନ୍ତୋଷ ଦାସ, ଧୂଷୁରୀ ପ୍ରେସ୍ ୟୁନିୟନର ସମ୍ପାଦକ ତଥା ଜିଲ୍ଲା ନିଶା ନିବାରଣ ସଂଗଠନର ସଭାପତି ଦୀପ୍ତି ରଞ୍ଜନ ନାୟକ, ସେବାନିବୃତ୍ତ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ ନାୟକ ଏବଂ ଯୁବ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣ, ସଡ଼କ ସୁରକ୍ଷା, ସାଇବର ଅପରାଧ, ଶୃଙ୍ଖଳିତ ଜୀବନଚର୍ଯ୍ୟା, ଆଧ୍ୟାତ୍ମିକ ଚେତନା ଓ ନିଷ୍ଠାପର ସେବା ଉପରେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ।

ଧାମନଗର ମେଡିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

# ଷ୍ଟାଫ୍‌ନର୍ସଙ୍କ ମନମାନୀ ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ

ଧାମନଗର,୨୨।୩(ସମିସ)



ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ଡେଙ୍ଗୁରା ପିଟୁଛନ୍ତି ରାଜ୍ୟରେ ଚାଲିଛି ଲୋକଙ୍କ ସରକାର। କିନ୍ତୁ ପ୍ରକୃତରେ ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାରେ ପକାଇଛି ଡବଲ ଇଞ୍ଜିନ ମୋହନ ସରକାର। ଧାମନଗର ମେଡିକାଲରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାର ଦେଖାଦେଇଛି। ଷ୍ଟାଫ୍ ନର୍ସମାନେ ନିଜ ଇଚ୍ଛା ଅନୁସାରେ ଡାକ୍ତରଖାନାକୁ ଯିବାଆସିବା କରୁଥିବାରୁ ରୋଗୀମାନେ ବହୁ ହଇରାଣ ହରକତ ହେଉଛନ୍ତି। କିଏ କେତେବେଳେ ଆସୁଛି କେତେବେଳେ ଯାଉଛି ତାହା କାହାକୁ ଜଣା ନ ଥାଏ। ଅନେକ ସମୟରେ ରୋଗୀଙ୍କୁ ଇଞ୍ଜେକ୍ସନ, ସାଲାଇନ୍ ଦେବା ପାଇଁ ଷ୍ଟାଫ୍‌ନର୍ସ ନ ଥିବାବେଳେ ରୋଗୀ ଛଟପଟ ହୋଇ ତାଙ୍କ ଆସିବା ବାଟକୁ ଅନେଇ ରହିଥା'ନ୍ତି। ଫଳରେ ଚିକିତ୍ସାଧୀନ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ, ଧାମନଗର ବ୍ଲକ୍ ମୁସ୍ତଫାପୁର ପଞ୍ଚାୟତର ସ୍ଥାୟୀ ବାସିନ୍ଦା କଲସୁମ ବିବିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା ଆରମ୍ଭ କରିଥିବାବେଳେ ଦୁଃଖ ଓ ପରିତାପର ବିଷୟ ଇଞ୍ଜେକ୍ସନ, ସାଲାଇନ୍ ଦେବା ପାଇଁ ଷ୍ଟାଫ୍‌ନର୍ସ ନ ଥିବାରୁ ଦିନ ୨ଟାରୁ ୨ଟା ୩୦ ପର୍ଯ୍ୟନ୍ତ ରୋଗୀକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଏଠି ପ୍ରଶ୍ନ ଉଠେ ଯେ, ଡାକ୍ତରଙ୍କୁ ନ ଜଣାଇ ଡ୍ୟୁଟି ଛାଡ଼ି ଚାଲିଯିବାରୁ ଉପସ୍ଥିତ ଡାକ୍ତର ଘୋର୍ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଡ୍ୟୁଟି ଚିଠାରେ ଜଣକ ନାମ ଥିବାବେଳେ ଆଉ ଜଣେ ଷ୍ଟାଫ୍‌ନର୍ସ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଏପଟେ ମହିଳା ଝାଡୁଦାରମାନେ ଇଞ୍ଜେକ୍ସନ, ସାଲାଇନ୍ ଦେଉଛନ୍ତି। ଯଦି ରୋଗୀର କିଛି ଅସୁବିଧା ହୁଏ, ତାହେଲେ ଦାୟୀ କିଏ ହେବ ବୋଲି ଚିକିତ୍ସାଧୀନ ରୋଗୀ ଓ ତାଙ୍କର ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସରକାରଙ୍କ ନିୟମକୁ ଉଲ୍ଲଂଘନ କରି କେତେକ ଷ୍ଟାଫ୍‌ନର୍ସ ବର୍ଷ ବର୍ଷ ଧରି ଏଠାରେ ରହି ଅଫିସର ଏବଂ ଡାକ୍ତରମାନଙ୍କୁ ଖାତିର୍ ନ କରି ମନମୁଖୀ କାର୍ଯ୍ୟ କରିଚାଲିଛନ୍ତି। ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟ ସେବା ଓ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ସରକାରଙ୍କ ନିୟମକୁ ଅନୁସରଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରୋଗୀଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

- ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ନ ଜଣାଇ ଷ୍ଟାଫ୍ ନର୍ସ ଗାଏବ
- ସାଲାଇନ୍, ଇଞ୍ଜେକ୍ସନ ନେବା ପାଇଁ ଯନ୍ତ୍ରଣାରେ ଛଟପଟ ରୋଗୀ
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି

